## ପୋଲିସ ହାବୁଡ଼ରେ ଠକ ଗ୍ୟାଙ୍ଗ୍

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ଥାନା ଅନ୍ତର୍ଗତ ଖଜୁରୀପଲି ଏବଂ ବି.ତୁରୁବୁଡି ଗ୍ରାମର କେତେଜଣ ଲୋକଙ୍କୁ ଦାମୀ ଜିନିଷ ଦେବାକୁ କହି ଟଙ୍କା ଲୁଟିଥିବା ଏକ ଠକ ଗ୍ୟାଙ୍ଗକୁ ପୋଲିସ ଧରିଛି। ଏହି ଗ୍ୟାଙ୍ଗ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ୧୦୦ ଟଙ୍କାରେ ଏକ ଲଟେରି ଟିକେଟ ବିକ୍ରି କରିଥାନ୍ତି। ଗ୍ରାହକଙ୍କୁ ଟିକେଟ ସ୍କ୍ରାଚ୍ କରିବାକୁ କହି ସେଥିରେ ଲେଖାଥିବା ଫ୍ୟାନ୍, ଗ୍ରାଇଣ୍ଡର ଆଦି ତୁରନ୍ତ ଗ୍ରାହକଙ୍କୁ ପ୍ରଦାନ କରୁଥିଲେ। ଲୋକେ ସେମାନଙ୍କୁ ବିଶ୍ୱାସ କରି ନେବାପରେ ସେମାନେ ବିଭିନ୍ନ ଦାମୀ କମ୍ପାନୀର ବିଜ୍ଞାପନ ପାଇଁ କମ୍ ଦାମରେ ଏଲସିଡି ଟିଭି, ୱାସିଙ୍ଗ ମେସିନ, ଫ୍ରିଜ୍ ଆଦି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ୫ରୁ ୬ହଜାର ଟଙ୍କା ଲେଖାଏ ଆଦାୟ କରି ଚମ୍ପଟ ମାରୁଥିଲେ। ଠକାମୀର ଶିକାର ହେବା ପରେ ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୋବାଇଲ ଫୋନ୍ ଲୋକେସନ ଟ୍ରାକିଂ କରି ୨ ଜଣଙ୍କୁ ଧରିଛି।

## ସଂକ୍ଷେପରେ

### ୩୨ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବ୍ରହ୍ମପୁର,୨୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ବ୍ରାଉନସୁଗାର କାରବାର ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଚଢ଼ାଉ ପାଇଁ ଅବକାରୀ ଅଧିକ୍ଷକ ରମେନ୍ଦ୍ର ନାରାୟଣ ନାୟକ ଏକ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମ ଗତ ୭ଦିନ ଧରି ବ୍ରାଉନସୁଗାର କାରବାର କରୁଥିବା ଯୁବକଙ୍କୁ ଟ୍ରାକିଂ କରୁଥିଲା। ରବିବାର ଭୋରରେ ଶ୍ରୀରାମନଗର ଛକରେ ଜଣେ ଯୁବକ ରାସ୍ତା କଡ଼ରେ ବ୍ରାଉନସୁଗାର ଧରି ଠିଆ ହୋଇଥିବା ସୂଚନା ମିଳିଥିଲା। ଅବକାରୀ ଟିମ୍ ତାଙ୍କୁ ଧରି ପ୍ୟାଣ୍ଟ ପକେଟ ଯାଞ୍ଚ କରିବାରୁ ଏକ ଜରି ପ୍ୟାକେଟରେ ବ୍ରାଉନସୁଗାର ଥିବା ଦେଖିଥିଲା। ଯୁବକ ଜଣଙ୍କ ହେଲେ ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗରର ମହେଶ ମହାରଣା ଓରଫ କୁନା (୩୨)। ତାଙ୍କ ୩୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ସେ ଉକ୍ତ ବ୍ରାଉନସୁଗାର ଧରି ରାସ୍ତା ଉପରେ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ଅପେକ୍ଷା କରିଥିଲେ ବୋଲି ଜେରାରୁ ଜଣାପଡ଼ିଛି। ମହେଶ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନସୁଗାର ଆଣି ଏହି କାରବାର ଚଳାଇଥିବା ସନ୍ଦେହ କରାଯାଉଛି। ଏ ନେଇ ନଂ.୪୭/୨୩-୨୪ରେ ମାମଲାର ରୁଜୁ ହୋଇଛି। ମହେଶଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଛି।ଚଢ଼ାଉରେ ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ମନିଶା ଭୋଳ, ଏଏସଆଇ ରଞ୍ଜିତ ଶବର, କନଷ୍ଟେବଲ ଡ଼ି. ହରିବନ୍ଧୁ, ସୁଧାକର ଶବର, ଶିଶିର ନାଇକ, ଡ଼ମ୍ବୁର ବେହେରା, ଜି. କ୍ରିଷ୍ଣା ରାଓ ପ୍ରମୁଖ ସାମିଲ ଥିଲେ।

### ଅଟୋରୁ ଲୁହାପାଇପ ଖସି ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୨୦।୮ (ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ କଇଠଡା ଗ୍ରାମରେ ଏକ ଲୁହା ପାଇପ ବୋଝେଇ ଅଟୋରୁ ପାଇପ ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଝରପୋଖରୀ ଗ୍ରାମର ବୁଡୁ ଦାସ। ପ୍ରକାଶ ଯେ, ଗ୍ରାମରେ ପାନୀୟ ଜଳ ଯୋଗାଣ ନିମନ୍ତେ ମୁଖ୍ୟ ଲାଇନ ବିଛାଇବା କାର୍ଯ୍ୟ ଜାରିରହିଥିଲା। ଠିକାଦାର ଜଣକ ଅଟୋରେ ଲୁହା ପାଇପ ଆଣୁଥିବା ବେଳେ ଅଟୋଟି ଭାରସାମ୍ୟ ହରାଇ ଢଳିପଡ଼ିବାରୁ ପାଇପଗୁଡିକ ଖସି ପଡ଼ିଥିଲା। ଲୁହା ପାଇପ ଉପରେ ବସିଥିବା ବୁଡୁ ତଳକୁ ଖସି ପଡ଼ିଥିଲେ। ଏହି ଲୁହା ପାଇପଗୁଡିକ ତାଙ୍କ ମୁଣ୍ଡ ଉପରେ ପଡି ଯାଇଥିଲା। ଫଳରେ ଶ୍ରମିକଙ୍କ ମୁଣ୍ଡଟି ଗଭୀର କ୍ଷତ ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ସେହି ଅଟୋରେ ଅନ୍ୟ ଶ୍ରମିକମାନେ ଗୁରାଣ୍ଡି ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୁରାଣ୍ଡି ଥାନାରେ ୬୯/୨୩ ଏକ ମାମଲା ରୁଜୁ ହୋଇଛି। ମୃତଦେହକୁ ପୋଲିସ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଡାକ୍ତରଙ୍କ କ୍ଲିନିକ୍ ପ୍ରୀତି, ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୨୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଓ ହସ୍ପିଟାଲର ଡାକ୍ତରଙ୍କ ଘରୋଇ କ୍ଲିନିକ ପ୍ରୀତି ରୋଗୀଙ୍କୁ ସମସ୍ୟାରେ ପକାଉଛି। ଡ୍ୟୁଟି ସମୟରେ ଡାକ୍ତର ଘରୋଇ କ୍ଲିନିକ୍ ଯାଇପାରିବେ ନାହିଁ ବୋଲି ସରକାର କଡ଼ା ନିୟମ କରଛନ୍ତି। କିନ୍ତୁ ଏହି ନିୟମକୁ ଡାକ୍ତରମାନେ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଗୋଇଲୁଣ୍ଡିରୁ ନୂଆବସଷ୍ଟାଣ୍ଡ୍ ରୋଡ଼ରେ ବହୁ ଘରୋଇ କ୍ଲିନିକରେ ଏମ୍‌କେସିଜିର ଡାକ୍ତରମାନେ ଚିକିତ୍ସା କରୁଛନ୍ତି।

ଏମକେସିଜି ମେଡିକାଲ ଉପରେ ପ୍ରତିଦିନ ଦକ୍ଷିଣ ଓଡିଶା ଓ ପଡୋଶୀ ଆନ୍ଧ୍ରପ୍ରଦେଶର ହଜାର ହଜାର ରୋଗୀ ନିର୍ଭର କରୁଛନ୍ତି। ହେଲେ ଏଠାରେ ବରିଷ୍ଠ ଡାକ୍ତରମାନେ କନିଷ୍ଠ ଡାକ୍ତରଙ୍କୁ



ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ।

ଦାୟିତ୍ୱ ହସ୍ତାନ୍ତର କରି ଘରୋଇ କ୍ଲିନିକ ମୁହାଁ ହେଉଥିବା ଦେଖାଯାଉଛି। ଯଦ୍ୱାରା ମେଡିକାଲର ବିଭିନ୍ନ ବିଭାଗ ଆଗରେ ରୋଗୀ ଓ ସମ୍ପର୍କୀୟମାନେ ଘଣ୍ଟାଘଣ୍ଟା ଧରି ଡାକ୍ତରଙ୍କୁ ଅପେକ୍ଷା କରୁଛନ୍ତି। ଏହାର ଫାଇଦା ଉଠାଇ କ୍ଲିନିକର ଦଲାଲମାନେ ଡାକ୍ତରଙ୍କୁ ଶୀଘ୍ର ଦେଖାଇବା ନାଁରେ ରୋଗୀଙ୍କଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରୁଛନ୍ତି। ଫଳରେ ଗରିବ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଙ୍କ ଏଭଳି କାର୍ଯ୍ୟରେ ଅବହେଳା

### ଫାଇଦା ଉଠାଉଛନ୍ତି ଦଲାଲ

ଉପରେ ଅଙ୍କୁଶ ଲଗାଇବା ପାଇଁ ରାଜ୍ୟ ସରକାର ଏମ୍‌କେସିଜି ମେଡିକାଲରେ ବାୟୋମେଟ୍ରିକ ବ୍ୟବସ୍ଥା କଲେ। ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ମଧ ଲଗାଇଲେ। ଏହା ସତ୍ତ୍ୱେ ଡ୍ୟୁଟି ସମୟରେ ଡାକ୍ତରମାନେ ଘରୋଇ କ୍ଲିନକକୁ ଯାଉଛନ୍ତି। ଏ ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା ନିଜ ପ୍ରତିକ୍ରିୟାରେ କହିଛନ୍ତି, ରୋଗୀ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଘଣ୍ଟ ଯାତ୍ରା ଜରିଆରେ ପ୍ରତିବାଦ କରିଆସୁଛୁ। ଡ୍ୟୁଟି ସମୟରେ ଡାକ୍ତରମାନେ ଯେପରି ଘରୋଇ କ୍ଲିନିକ ଯାଇ ନ ପାରିବେ ସେ ଦିଗରେ ୫-ଟି ସଚିବ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com

@ ଅମିୟ

@ ଦେବରାଜ

@ ସୁମୁନି
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଫଟୋଗ୍ରାଫି ମେଳାରେ ବ୍ରହ୍ମପୁର ଛାତ୍ରଙ୍କ ସଫଳତା



ରାଜ୍ୟସ୍ତରୀୟ ଫଟୋଗ୍ରାଫି ମେଳାରେ ଆଶୁତୋଷ ସମ୍ବର୍ଦ୍ଧିତ ହେଉଛନ୍ତି।

ବ୍ରହ୍ମପୁର,୨୦।୮(ତନୁଶ୍ରୀ ନାହାକ)

ବିଶ୍ୱ ଫଟୋଗ୍ରାଫି ଦିବସରେ ଶନିବାର ଭୁବନେଶ୍ୱର ଜୟଦେବ ଭବନଠାରେ ହୋଇଥିବା ରାଜ୍ୟସ୍ତରୀୟ ଫଟୋଗ୍ରାଫି ମେଳାରେ ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଇଂରାଜୀ ସମ୍ମାନର ଛାତ୍ର ଆଶୁତୋଷ ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମେଳାରେ ଗ୍ରାମୀଣ ଜୀବନଶୈଳୀ, ଆକ୍ସନ ଏଣ୍ଡ ଇମୋସୋନ, ପ୍ରକୃତି ଓ ଜଙ୍ଗଲି ଜୀବଜନ୍ତୁ ଥିମ ରଖାଯାଇଥିଲା। ଛାତ୍ର ଆଶୁତୋଷ ଭିଲେଜ ଲାଇଫ ଉପରେ ଗୋଟିଏ ଓ ୱାଇଲ୍ଡ ଲାଇଫ ଉପରେ ୪ଟି ଫଟୋ ପ୍ରଦର୍ଶିତ କରି ବିଚାରକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଗଞ୍ଜାମ ଜିଲା ସ୍ତରରେ ଗତ ମେ ୨୭ରେ ବ୍ରହ୍ମପୁର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଫଟୋଗ୍ରାଫି କର୍ମଶାଳା ହୋଇଥିଲା। ଏଥିରେ ଆଶୁତୋଷ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ କହିଛନ୍ତି ଆଗାମୀ ଦିନରେ ମଧ ସେ ଏହି କ୍ଷେତ୍ରରେ ନିଜର କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛନ୍ତି।

### ୱାରେଣ୍ଟ ବଳରେ ୨ ଗିରଫ

ବ୍ରହ୍ମପୁର,୨୦।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣିନୁଆଗାଁ ଥାନା ପୋଲିସ ୨୦ବର୍ଷ ପରେ ଜଣେ ଅଭିଯୁକ୍ତଙ୍କୁ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ବଳରେ ଗିରଫ କରିଛି। ସେ ହେଲେ ରେଳଷ୍ଟେଶନ ନିକଟ ଆରଏମସି କଲୋନୀରେ ରହୁଥିବା ରମେଶ ନାୟକ ଓରଫ ଡାଲି(୪୩)। ସେ ଏକ ଚୋରି ମାମଲାର ଅଭିଯୁକ୍ତ ଥିବା ବେଳେ କୋର୍ଟରେ ବିଚାର ବେଳେ ହାଜର ହୋଇ ନ ଥିଲେ। ତେଣୁ କୋର୍ଟ ରମେଶଙ୍କ ବିରୋଧରେ ଏନବିଡବ୍ଲ୍ୟୁ (ଜିଆର୫୪୭/୨୩) ଜାରି କରିଥିଲେ। ରମେଶ ଘଟଣା ପରଠାରୁ ଫେରାର ଥିବା ବେଳେ ପୋଲିସ ତାଙ୍କୁ ଶନିବାର ରାତିରେ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ସେହିପରି ନିମଖଣ୍ଡି ଥାନା ପୋଲିସ ଏକ ଚେକ ବାଉନ୍ସ ମାମଲାର ଅଭିଯୁକ୍ତ ଭାବିନୀପୁରର ଶିବରାମ ସାହୁ(୨୮)ଙ୍କୁ ଗିରଫ କରିଛି। ସେ ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଧାର ଆଣି ନିର୍ଦ୍ଧାରିତ ସମୟରେ ପରିଶୋଧ କରି ନ ଥିଲେ। ପରେ ଏ ନେଇ କୋର୍ଟରେ ତାଙ୍କ ବିରୋଧରେ ୱାନସିସି ୪୧/୨୩ ରେ ଏକ ମାମଲା ହୋଇଥିଲା। କୋର୍ଟରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ହୋଇଥିଲା। ସେ ଏହାର ଅବମାନନା କରିଥିଲେ।

# ସାହିତ୍ୟ ସଂସଦର ମାସିକ ଆସର

ବ୍ରହ୍ମପୁର,୨୦।୮(ସ୍ମୃତି ରଞ୍ଜନ ମହାଲିକ)

ପଟେଲ ସାହିତ୍ୟ ସଂସଦ ଓ ଶିଶୁ କଲ୍ୟାଣ ସାହିତ୍ୟ ସଂସଦ ପକ୍ଷରୁ ରବିବାର ଉତ୍କଳ ଆଶ୍ରମଠାରେ ମାସିକ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଇଂ ଆଶୁତୋଷ ପାତ୍ର ଅଧକ୍ଷତା କରିଥିଲେ। କବି ସୁଧାକର ଶତପତୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। କବି ପ୍ରଦୀପ କୁମାର ଶତପଥୀ ବିଭିନ୍ନ ଗଳ୍ପ କବିତାକୁ ସଂଯୋଜନା କରିଥିଲେ। ଲାଲ ବାହାଦୂର ପଟ୍ଟନାୟକ, ଇଂ ପ୍ରଫୁଲ କୁମାର ତ୍ରିପାଠୀ, ବିଜୟ କୁମାର ନନ୍ଦ, ଭଗବାନ ପାତ୍ର, ଚନ୍ଦ୍ର ଶେଖର ମହାପାତ୍ର, ବୃନ୍ଦାବନ ପରିଡା, ଶରତ ଚନ୍ଦ୍ର ପଣ୍ଡା, ବିପିନ ମହାପାତ୍ର, ଅମିତା ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ଟାଏକୋଣ୍ଡୋ କଲର ବେଲ୍ଟ ପ୍ରତିଯୋଗିତା


ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ କଲର ବେଲ୍ଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ଓ ବିଚାରକ।

ବ୍ରହ୍ମପୁର,୨୦।୮(ତନୁଶ୍ରୀ ନାହାକ)

ଟାଏକୋଣ୍ଡୋ ଆସୋସିଏଶନ ଅଫ ବ୍ରହ୍ମପୁର ପକ୍ଷରୁ ରବିବାର ଗୋଷାଣୀ ନୁଆଗାଁସ୍ଥିତ ଉତ୍ତରେଶ୍ୱର ଭବନ ଠାରେ କଲର ବେଲ୍ଟ ପ୍ରତିଯୋଗିତା ହୋଇଯାଇଛି। ଏଥିରେ ୨୫୦ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ଆସୋସିଏଶନର ସମ୍ପାଦକ ତଥା କୋଚ ସତ୍ୟନାରାୟଣ ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗଜପତି ଜିଲା ତାଇକୋଣ୍ଡୋ ଏକାଡ଼େମୀର ସଂଯୋଜକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଗୋଳନ୍ଥରା ଥାନା ଆଇଆଇସି ବିବେକାନନ୍ଦ ମହନ୍ତ ଉପସ୍ଥିତ ରହିଥିଲେ। ପରୀକ୍ଷା ନିୟନ୍ତ୍ରକ ଭାବେ ଗଣେଶ ଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର କୁମାର ସାହୁ, ସୌମ୍ୟବ୍ରତ ସାହୁ, ଜଗନ୍ନାଥ ରାଉତ, ରାକେଶ ମହାପାତ୍ର ଓ ରଂଜୀନ ତକୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ୟେଲୋ ବେଲ୍ଟ ପ୍ରତିଯୋଗିତାରେ ୭୫, ଗ୍ରୀନ ଷ୍ଟ୍ରିପରେ ୩୫ , ଗ୍ରୀନ ବେଲ୍ଟରେ ୪୪, ବ୍ଲୁ ଷ୍ଟ୍ରିପରେ ୩୦, ବ୍ଲୁ ବେଲ୍ଟରେ ୩୬, ରେଡ଼ ଷ୍ଟ୍ରିପରେ ୨୭ ଓ ରେଡ଼ ବେଲ୍ଟରେ୩ ଜଣ ପ୍ରତିଯୋଗୀ ବିଭିନ୍ନ ଅଂଶ ଗ୍ରହଣ କରିଥିଲେ।

# ସର୍ବଭାରତୀୟ ନାଟ୍ୟ ପରିଷଦର ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୨୦।୮(ସ୍ମୃତି ରଞ୍ଜନ ମହାଲିକ୍)

ସର୍ବଭାରତୀୟ ନାଟ୍ୟ ପରିଷଦ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଆଇଟିଆଇ ଅଡିଟୋରିୟମ ହଲ ପରିସରରେ ଜାତୀୟ ସମ୍ମିଳନୀ ହେବ। ଏ ନେଇ ରବିବାର ବ୍ରହ୍ମପୁର ରେଳ ଷ୍ଟେଶନସ୍ଥିତ ଏକ ହୋଟେଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢୀ ଅଧକ୍ଷତା କରିଥିଲେ। ୨ଦିନିଆ ଜାତୀୟ ସମ୍ମିଳନୀରେ ଦେଶର ପ୍ରାୟ ୧୭ ରୁ ଊର୍ଦ୍ଧ୍ୱ ରାଜ୍ୟର ଜାତୀୟ ସ୍ତରର ନାଟ୍ୟ ପ୍ରତିଭାମାନେ ଯୋଗ ଦେବେ। ପ୍ରଥମ ଦିନରେ ରାଷ୍ଟ୍ରୀୟ କମିଟି ସଦସ୍ୟ ଓ ଗଞ୍ଜାମ ଜିଲାର ପ୍ରତିଷ୍ଠିତ କଳାସମ୍ପନ୍ନ


ବୈଠକରେ ଉପସ୍ଥିତ ନାଟ୍ୟ ପରିଷଦର ସଦସ୍ୟବୃନ୍ଦ।

ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ ସହ ରାଷ୍ଟ୍ରୀୟ କମିଟିର ନବନିର୍ବାଚିତ ସଦସ୍ୟଙ୍କ ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନ କଳାକାର ମାନଙ୍କ ଶୋଭାଯାତ୍ରା ସହ ଆଞ୍ଚଳିକ କଳାକାରଙ୍କ କଳା ପ୍ରଦର୍ଶନ ଓ ରାଷ୍ଟ୍ରୀୟ କଳାପରିଷଦ ରାଜ୍ୟ ଶାଖାର ବୈଠକ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଅନିଲ ପାତ୍ର, ନାଟ୍ୟ ସଂଗଠକ ଭବାନୀ ଶଙ୍କର ମିଶ୍ର, ଆଧାତ୍ମିକ ବ୍ୟକ୍ତିତ୍ୱ କେ.କୃଷ୍ଣମୂର୍ତ୍ତି, ଓଡିଶା ନାଟ୍ୟସଂଘର ଉପସଭାପତି ମନୋଜ ଦଣ୍ଡପାଟ, ଈଶା ଭିଜନର ପରିଚାଳନା ନିର୍ଦ୍ଦେଶକ ସନ୍ୟାସୀ ମହାରଣା, କଳା ସଂଗଠକ ଡ଼. ମିହିର ତ୍ରିପାଠୀ, ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀଙ୍କ ସମେତ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଶ୍ୱକର୍ମା ମହାସଂଘର ବନ୍ଧୁମିଳନ

ବ୍ରହ୍ମପୁର,୨୦।୮(ତନୁଶ୍ରୀ ନାହାକ)

ବ୍ରହ୍ମପୁର ମହାନଗର ନିଗମ ୱାର୍ଡ଼ ନମ୍ବର ୩୨ ଅନ୍ତର୍ଗତ ଅଶୋକ ନଗର ୩ୟ ଲାଇନ ଠାରେ ରବିବାର ବିଶ୍ୱକର୍ମା ମହାସଂଘ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାସଂଘ ସଭାପତି କାମରାଜୁ ମହାରଣାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ କର୍ପୋରେଟର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ମହାରଣା ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜେଏସ୍ ପିଏଲ୍, ଆଲଫା ସ୍କୁଟି ଏବଂ ବିଶ୍ୱକର୍ମା ମହାସଂଘ ମିଳିତ ସହଯୋଗରେ ୩୦ ଜଣ ଦୃଷ୍ଟିବାଧିତଙ୍କୁ ବାଡି ପ୍ରଦାନ କରାଯାଇଥିଲା। ନିକଟସ୍ଥ ଦୃଷ୍ଟିହୀନ ଦିବ୍ୟାଙ୍ଗ ଶିକ୍ଷା କେନ୍ଦ୍ର ଛାତ୍ରୀଛାତ୍ରଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗଂଜାମ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ବିଶ୍ୱକର୍ମା ବଂଶଜ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠିତ ବୈଠକରେ ମହାସଂଘ ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦୃଷ୍ଟିହୀନ ଦିବ୍ୟାଙ୍ଗଙ୍କୁ ଆଶାବାଡ଼ି ଦିଆଯାଉଛି।

ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଗଞ୍ଜାମ ଜିଲାରେ ବାସ କରୁଥିବା ବିଶ୍ୱକର୍ମା ବଂଶଜଙ୍କ ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ ସମସ୍ୟା ସମାଧାନ କରିବା ପାଇଁ ବିଶ୍ୱକର୍ମା ମହାସଂଘ ସମର୍ପିତ ହେବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ପରେ ସଂଘର ନିର୍ବାଚନ ହୋଇଥିଲା। ଏଥିରେ ଉପଦେଷ୍ଟା ଭାବେ କୋରାମଣି ମହାରଣା ଓ କୋଷାଧକ୍ଷ ଭାବେ ରବୀନ୍ଦ୍ର ମହାରଣାଙ୍କୁ ଚୟନ କରାଯାଇଛି। ସେହିପରି ସଂପାଦକ ଭାବେ ଶ୍ରୀନିବାସ ମହାରଣା, ଉପସଭାପତି ରୂପେ ବିଜୟ ଚନ୍ଦ୍ର ମହାରଣା, କ୍ଷମା ସାଗର ମହାରଣା, ରୁନୁ ମହାରଣା ଓ ଗୁପ୍ତେଶ୍ୱର ମହାରଣାଙ୍କୁ ଚୟନ କରାଯାଇଛି। କୋଷାଧକ୍ଷ ଭାବେ ଅଶୋକ କୁମାର ମହାରଣା, ଯୁଗ୍ମ ସଂପାଦକ ଭାବେ ଉଦୟ ନାରାୟଣ ମହାରଣା, ଲକ୍ଷ୍ମୀ ନାରାୟଣ ମହାରଣା(ବାବୁ), ଝୁନୁ ମହାରଣା ଓ ରବିନ୍ଦ୍ର ମହାରଣା ନିର୍ବାଚିତ ହୋଇଛନ୍ତି।

### ସଦ୍‌ଭାବନା ଦିବସ ପାଳିତ

ଗୋପାଳପୁର,୨୦।୮(ନବୀନରାଜ ଆଚାରୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ୭୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଦଭାବନା ଦିବସର ସଙ୍କଳ୍ପ ପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଫେସର ବିଷ୍ଣୁ ଚରଣ ସେଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଡ. ସୋମେନ୍ଦ୍ର ମହାନ୍ତି, ସଞ୍ଜୟ ମେହେର, ରାଜେଶ ସେଠ୍ ମଞ୍ଚାସୀନ ଥିଲେ। ସଭା ପରିଚାଳକ ଡ. ସେଠ୍ ଗାନ୍ଧୀଙ୍କର ଜୀବନୀ ଆଲୋକପାତ କରିଥିଲେ। ବିଭାଗୀୟ ପ୍ରାଧ୍ୟାପକ ଡ: ମେହେର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ପଦକ୍ଷେପ ଯଥା ନୂତନ ଶିକ୍ଷା ନୀତି, ଦଳ ବଦଳ କାନୁନ୍ ବାବଦରେ ସଭାରେ ଉଦବୋଧନ ଦେଇଥିଲେ। ସାମ୍ପ୍ରଦୟିକ ସଦ୍ଭାବ, ଜାତୀୟ ଏକତା ଏବଂ ବିବିଧତା ମଧ୍ୟରେ ଏକତା ବିଷୟରେ ମୁଖ୍ୟବକ୍ତା ସରଳ ଭାଷାରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଭାଗ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ଦାସ, ସୁମିତ୍ରା ସ୍ୱାଇଁ, ରୋଜାଲିନ ଜେନା ଯଥାକ୍ରମେ ପ୍ରଥମ ୨ୟ, ୩ୟ ସ୍ଥାନ ଅଧିକାର କରିଥିଲେ।

# ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ନାହିଁ ଗ୍ରାମାଞ୍ଚଳ

ବ୍ରହ୍ମପୁର,୨୦।୮(ନରସିଂହ ସାହୁ)

ଗଞ୍ଜାମର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀରୁ କେବଳ ବ୍ରହ୍ମପୁରରେ ଗୋଟିଏ ବି ପଞ୍ଚାୟତ ବା ଗ୍ରାମାଞ୍ଚଳ ନାହିଁ । ଜିଲାର ୫୦୩ ପଞ୍ଚାୟତ ଅନ୍ୟ ୧୨ ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ରହିଛି। ମହାନଗର ପରିସରରେ ଥିବା ୪୨ ୱାର୍ଡ ମଧ୍ୟରୁ ୩୬ଟିକୁ ନେଇ ଗଠନ ହୋଇଛି ବ୍ରହ୍ମପୁର ବିଧାନସଭା କ୍ଷେତ୍ର। ଅବଶିଷ୍ଟ ୬ଟି ୱାର୍ଡ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ରହିଛି। ତେଣୁ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କ ପାଇଁ ଏହି ଆସନ ସୁବିଧାଜନକ ହୋଇଛି। ଆଗାମୀ ନିର୍ବାଚନ ପାଇଁ ଏହି ଆସନ ଉପରେ ପ୍ରଭାବଶାଳୀ ମହିଳାଙ୍କ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ସୂଚନାଯୋଗ୍ୟ, ଅତୀତରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ରେଶମ ନଗର ସମେତ କୁକୁଡ଼ାଖଣ୍ଡି ବ୍ଲକର ୧୦ ପଞ୍ଚାୟତ ରହିଥିଲା। ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ଏହା ବଳବତ୍ତର ଥିଲା। ୨୦୦୯ ବେଳକୁ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଓ ସୀମା ନିର୍ଦ୍ଧାରଣ କରାଗଲା। ଫଳରେ କେବଳ ସହରାଞ୍ଚଳର ୩୬ ୱାର୍ଡକୁ ନେଇ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଗଠନ ହୋଇଛି। କୁକୁଡ଼ାଖଣ୍ଡି ଓ ଦିଗପହଣ୍ଡି ବ୍ଲକ ଏବଂ ଏନ୍ଏସିକୁ ନେଇ ୨୦୦୯ରୁ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କରାଯାଇଛି। କୁକୁଡ଼ାଖଣ୍ଡିର ୫ ପଞ୍ଚାୟତ ଗୋପାଳପୁରରେ ସାମିଲ ହୋଇଛି। ରାଜ୍ୟରେ ଆଗୁଆ ନିର୍ବାଚନ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ଶାସକ ବିଜେଡିର ଘନ ଘନ ବୈଠକ ଓ ରଣନୀତି ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ହେଉଥିବାରୁ ବିରୋଧୀ ଦଳକୁ ଦ୍ୱନ୍ଦ୍ୱରେ ପକାଇଛି। ୧୯୯୦ରୁ ୨୦୧୯ ମଧ୍ୟରେ ହୋଇଥିବା ୭ ନିର୍ବାଚନରେ ବ୍ରହ୍ମପୁର ଆସନ ଅଣକଂଗ୍ରେସ ଦଖଲରେ ରହିଛି। ୧୯୯୦ ଓ ୧୯୯୫ ନିର୍ବାଚନରେ ଜନତା ଦଳ ପ୍ରାର୍ଥୀ ଜିତିଥିବା ବେଳେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ବିଜେଡିରୁ ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଜେଡି ଗଠନ ପରେ ବ୍ରହ୍ମପୁରରେ କଂଗ୍ରେସ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। କଂଗ୍ରେସର ପକେଟ ଭୋଟ ବିଭାଜିତ ହୋଇ ବିଜେଡି ଓ ଭାଜପାକୁ ଯାଇଛି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ୬୮,୧୧୩ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱି ମାତ୍ର ୫୩୮୧ ଭୋଟ ପାଇ ଅମାନତ ରଖିପାରିନଥିଲେ। ପୂର୍ବରୁ ସ୍ଥିତି ନ ଥିବା ଭାଜପା ପ୍ରାର୍ଥୀ ୩୨,୬୨୯ ଭୋଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିଥିଲା। ତେଣୁ କଂଗ୍ରେସ ଭୋଟ ବିଜେଡି ଓ ଭାଜପା ଭାଗବାଣ୍ଟି ନେଇଥିବା ରାଜନୀତି ମହଲ ଅଙ୍କ କଷିଲେ। ଜଣେ ସ୍ୱାଧୀନ ପ୍ରାର୍ଥୀ ୯୮୨୧ ଭୋଟ ପାଇ ତୃତୀୟ ସ୍ଥାନରେ ରହିବା ସହ କଂଗ୍ରେସ ଠାରୁ ଅଧିକ ଭୋଟ ପାଇଥିଲେ।

୨୦୨୨ରେ ହୋଇଥିବା ପୌର ନିର୍ବାଚନରେ ମଧ ବ୍ରହ୍ମପୁରରେ କଂଗ୍ରେସ ଲଜ୍ଜାଜନକ ଭୋଟ ପାଇଥିଲା। ମେୟର ପ୍ରାର୍ଥୀ ଏଏପି ଠାରୁ ପଛରେ ପଡ଼ି ଚତୁର୍ଥ ସ୍ଥାନକୁ ଖସିଥିବା ବେଳେ ମାତ୍ର ଜଣେ ମହିଳା କର୍ପୋରେଟର ଭାବେ ଜିତିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହେବାର ଅନୁମାନ କରାଯାଇଥିଲା। ତେବେ ଦୁଇ ଦଳର ଭିତିରି ସମ୍ପର୍କ ପଦାକୁ ଆସିବା ପରେ ଭଜପା କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।ତେବେ ଏଠାରେ ପୁଣି ବିଜେଡି ଫାଇଦା ନେବ ବୋଲି ବିଭିନ୍ନ ମହଲ ଚର୍ଚ୍ଚା କରୁଛନ୍ତି।

